# NATIONAL NEWS BULLETIN (ODIA)

**26 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ବିରୋଧ ଲଢ଼େଇରେ ଇସ୍ରାଏଲ ସହିତ ଭାରତ ଦୃଢ଼ତାର ସହ ରହିଛି - କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରଥମ ବିଦେଶୀ ନେତାଭାବେ ହେଲେ ସ୍ପିକର ଅଫ୍ ଦି ନେସେଟ୍ ମେଡାଲରେ ସମ୍ମାନିତ ।

- ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ଆଧାରିତ ଏନ୍‌ସିଇଆର୍‌ଟିର ଅଷ୍ଟମଶ୍ରେଣୀ ପୁସ୍ତକ ବ୍ୟବହାର ଉପରେ ନିଷେଧାଦେଶ ଜାରି କଲେ ସୁପ୍ରିମକୋର୍ଟ ।

- ୧୦ଟି ରାଜ୍ୟର ଖାଲିପଡିଥିବା ୩୭ଟି ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି ।

- ଜାତିସଂଘ ମାନବାଧିକାର ପରିଷଦ ଅଧିବେଶନରେ ପାକିସ୍ତାନର ଅଭିଯୋଗକୁ ଖଣ୍ଡନ କଲା ଭାରତ ।

ଏବଂ

- ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର ଏଇଟ୍ ପର୍ଯ୍ୟାୟର ଆଜିର ଏକ ମ୍ୟାଚ୍‌ରେ ଭାରତ ଭେଟିବ ଜିମ୍ବାୱ୍ୱେକୁ ।

---

# ପିଏମ୍-ଇସ୍ରାଏଲ

ଆତଙ୍କବାଦ ବିରୋଧ ଲଢ଼େଇରେ ଭାରତ ସମ୍ପୂର୍ଣ୍ଣ ଦୃଢ଼ତାର ସହିତ ଇସ୍ରାଏଲ ସହ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଇସ୍ରାଏଲ ସଂସଦ ନେସେଟକୁ ପ୍ରଥମଥରପାଇଁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଆତଙ୍କବାଦ ସବୁବେଳେ ଶାନ୍ତି ପାଇଁ ବିପଦ ହୋଇ ମାଡିଆସିଛି । ବିପଦର ମୁକାବିଲା ପାଇଁ ଭାରତର ଦୃଢ଼ ସଂକଳ୍ପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁଁ ବିଶ୍ୱର ତୃତୀୟ ଶ୍ରେଷ୍ଠ ଅର୍ଥନୀତି ରାଷ୍ଟ୍ର ଦିଗରେ ଭାରତ ଅଗ୍ରସର ହେଉଛି । ଭାରତ ଏବଂ ଇସ୍ରାଏଲ ମଧ୍ୟରେ ରଣନୈତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ଶ୍ରୀ ମୋଦୀଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଇସ୍ରାଏଲ ସଂସଦର ସର୍ବୋଚ୍ଚ ସମ୍ମାନ ସ୍ପିକର ଅଫ୍ ଦ ନେସେଟ୍ ମେଡାଲ ତାଙ୍କୁ ପ୍ରଦାନ କରାଯାଇଛି । ଏହି ସମ୍ମାନରେ ସମ୍ମାନିତ ହେବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ବିଦେଶୀ ନେତା । ନେସେଟ୍‌ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଭାଷଣ ଇସ୍ରାଏଲ ସାଂସଦଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।

ଇସ୍ରାଏଲକୁ ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ତେଲ୍‌ଆବିବଠାରେ ତାଙ୍କ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ସହଭାଗିତା ବୃଦ୍ଧି ଲକ୍ଷ୍ୟନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଜେରୁଜେଲମର ୟାଦ୍ ଭାସେନ ଗସ୍ତ କରିବା ସହିତ ସେଠାରେ ଏକ ସଂକ୍ଷିପ୍ତ ପ୍ରାର୍ଥନା ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ୍

ହରଯୋଗଙ୍କ ସହ ମଧ୍ୟ ଶ୍ରୀ ମୋଦୀ ଆଜି ସାକ୍ଷାତ୍ ଆଲୋଚନା କରିବେ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା ଓ ସୁରକ୍ଷା, ବାଣିଜ୍ୟ ଓ ନିବେଶ ଏବଂ ଜନସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ଶ୍ରୀ ନେତାନ୍ୟାହୁଙ୍କ ସହିତ ପ୍ରତିନିଧିମଣ୍ଡଳସ୍ତରୀୟ ଆଲୋଚନାରେ  ଆଜି ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ କେତୋଟି ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇପାରେ । ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ପ୍ରବାସୀ ଭାରତୀୟ ସମ୍ପ୍ରଦାୟଙ୍କ ସହ ମତ ବିନିମୟ କରିବେ ।

## ଏସ୍‌ସି-ଏନ୍‌ସିଇଆର୍‌ଟି ବୁକ୍

ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ଆଧାରିତ ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ପୁସ୍ତକ ବ୍ୟବହାର ଉପରେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପୁସ୍ତକର ଡିଜିଟାଲ ଫର୍ମ, କପି ସବୁକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଖଣ୍ଡପୀଠ କହିଛନ୍ତି । କୌଣସି ପ୍ରକାର ଉଲ୍ଲଙ୍ଘନକୁ କୋର୍ଟ ଅବମାନନା ଭାବେ ଗ୍ରହଣ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଛନ୍ତି । ଏନ୍‌ସିଆର୍‌ଟି ନିର୍ଦ୍ଦେଶକ ଏବଂ ସ୍କୁଲ ଶିକ୍ଷା ସଚିବଙ୍କୁ ପାଠ୍ୟପୁସ୍ତକ ସମ୍ପର୍କିତ ପ୍ରସଙ୍ଗ ନେଇ ଖଣ୍ଡପୀଠ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ନ୍ୟାୟପାଳିକା ଉପରେ ଅନୁଚିତ ପ୍ରଭାବ

ବିସ୍ତାର କରିବା ଲକ୍ଷ୍ୟରେ ଏଭଳି ପ୍ରସଙ୍ଗ ରଖାଯାଇଥିବା ନେଇ ଖଣ୍ଡପୀଠ ଚିନ୍ତାପ୍ରକଟ କରିବା ସହ ଏହା ଫୌଜଦାରୀ ଅବମାନନା ପରିସରଭୁକ୍ତ ବୋଲି କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୧୧ତାରିଖକୁ ଧାର୍ଯ୍ୟ କରାଯାଇଛି ।

## ବୀର୍ ସାବରକର-ପିଏମ୍, ଏଚ୍ଏମ୍, ଡିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ମହାନ୍ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଶ୍ରୀ ସାବରକର ଦେଶର ସ୍ୱାଧୀନତା ଏବଂ ଦେଶବାସୀଙ୍କୁ ଦାସତ୍ୱରୁ ମୁକ୍ତ କରିବା ଦିଗରେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ ।

**V/O**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ସ୍ୱାଧୀନତା ସଂଗ୍ରାମ ଓ ଦେଶର ସାଂସ୍କୃତିକ ସ୍ୱାଧୀନତା ପାଇଁ ଶ୍ରୀ ସାବରକର ଲଢ଼େଇ କରିଥିଲେ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବୀର ସାବରକର ତାଙ୍କର ଅଦମ୍ୟ ସାହସ, ଅତୁଳନୀୟ ତ୍ୟାଗ ଓ ଦୃଢ଼ କର୍ତ୍ତବ୍ୟନିଷ୍ଠା ପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସବୁବେଳେ ସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି ।

## ରେଲୱେ-ଅଶ୍ୱିନୀ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଚଳିତବର୍ଷ ୫୨ ସପ୍ତାହ ମଧ୍ୟରେ ରେଳବାଇ କ୍ଷେତ୍ରରେ ୫୨ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରଣାଳୟ ସଂକଳ୍ପ କରିଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି ରେଳ ମନ୍ତ୍ରଣାଳୟ ୨ଟି ସଂସ୍କାର ଉପରେ ଘୋଷଣା କରିଥିବାବେଳେ ଆଜି ତୃତୀୟ ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ରେଳ ଟେକ୍ ନୀତିକୁ ଉନ୍ମୋଚନ କରାଯାଇଛି । ରେଳବାଇ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାରକୁ ଏହି ପଦକ୍ଷେପ ପ୍ରୋତ୍ସାହନ ପ୍ରଦାନ କରିବ । ରେଳବାଇ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଉଦ୍ଭାବକ, ଷ୍ଟାର୍ଟଅପ୍, ଶିଳ୍ପଦ୍ୟୋଗୀ ଏବଂ ଅନ୍ୟ ଅଂଶୀଦାରକୁ ସାମିଲ କରିବା ହେଉଛି ମନ୍ତ୍ରଣାଳୟର ଅନ୍ୟତମ ଉଦ୍ଦେଶ୍ୟ । ଚତୁର୍ଥ ସଂସ୍କାର ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ଇ-ରେଲୱେ ଦାବି ଟ୍ରିବ୍ୟୁନାଲ ସମ୍ପର୍କରେ ଘୋଷଣା କରିଛନ୍ତି । ନାଗରିକ କୈନ୍ଦ୍ରିକ ସଂସ୍କାର ଏବଂ ଡିଜିଟାଲ ଆହ୍ୱାନର ସମାଧାନ ଦିଗରେ ଏହି ଟ୍ରିବ୍ୟୁନାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଇସି-ଆର୍ଏସ୍ ପୋଲ୍ସ ନୋଟିଫିକେଶନ

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ନାମାଙ୍କନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତାମାସ ୧୬ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ । ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି ବିହାର ଏବଂ ପଶ୍ଚିମବଙ୍ଗର ୬ଟି ଲେଖାଏଁ ଆସନ, ଓଡ଼ିଶାର ୪ଟି, ଆସାମର ୩ଟି ଏବଂ ତେଲଙ୍ଗାନା, ଛତିଶଗଡ, ହରିୟାଣାର ୨ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ହିମାଚଳ ପ୍ରଦେଶର ଗୋଟିଏ ଆସନ ପାଇଁ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବ । କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର ଏବଂ ରାମଦାସ ଅଠାଓ୍ୱାଲେ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ଏନ୍‌ସିପି-ଏସ୍‌ପି ନେତା ଶରଦ ପାଓ୍ୱାର, ଆର୍‌ଏଲ୍‌ଏଲ୍ ନେତା ଉପେନ୍ଦ୍ର ଖୁସୁଓ୍ୱା ଏବଂ କଂଗ୍ରେସ ନେତା ଅଭିଷେକ ମନୁସିଂହଭି ପ୍ରମୁଖଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସରେ ଶେଷ ହେଉଛି । ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ସୁନିଶ୍ଚିତ କରିବା ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

## ଇଣ୍ଡିଆ-ୟୁଏନ୍ ଏଚ୍‌ଆର୍‌ସି

ଜେନେଭାରେ ଚାଲିଥିବା ଜାତିସଂଘ ମାନବାଧିକାର ପରିଷଦର ୬୧ତମ ଅଧିବେଶନରେ ପାକିସ୍ତାନର ଅଭିଯୋଗ ଉପରେ ଭାରତ ସ୍ପଷ୍ଟ ଆଭିମୁଖ୍ୟ ପ୍ରଦାନ କରିଛି । ଜାମ୍ମୁକାଶ୍ମୀରର ବିକାଶ ଏବଂ ପାକିସ୍ତାନର ଆର୍ଥିକ ସମସ୍ୟା ପରସ୍ପରଠାରୁ

ଅଲଗା ବୋଲି ଭାରତ କହିଛି । ଅଧିବେଶନରେ ଗତକାଲି ଅନୁଷ୍ଠିତ ଉଚ୍ଚସ୍ତରୀୟ ଆଲୋଚନା ଅବସରରେ ପାକିସ୍ତାନ ଏବଂ ଇସ୍‌ଲାମିକ ସହଯୋଗ ସଂଗଠନ ଦ୍ୱାରା କରାଯାଇଥିବା ଅଭିଯୋଗକୁ ଖଣ୍ଡନ କରି ଭାରତର ପ୍ରତିନିଧି ଅନୁପମା ସିଂହ ଏହା କହିଛନ୍ତି । ଅଭିଯୋଗ ଉପରେ ଭାରତର ଉତ୍ତର ପ୍ରଦାନ କରିବାର ଅଧିକାରକୁ ସାବ୍ୟସ୍ତ କରି ଭାରତୀୟ ପ୍ରତିନିଧି କହିଛନ୍ତି ପାକିସ୍ତାନ ଦ୍ୱାରା ଉପସ୍ଥାପନ କରାଯାଇଥିବା ଅଭିଯୋଗଗୁଡ଼ିକ ଅସହିଷ୍ଣୁତାଚିନ୍ତାଧାରା ଆଧାରିତ । ଜାମ୍ମୁକାଶ୍ମୀର ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି ବୋଲି ଶ୍ରୀମତୀ ସିଂହ ସ୍ପଷ୍ଟ କରିଛନ୍ତି । ଜାମ୍ମୁକାଶ୍ମୀର ବିକାଶ ଆଧାରିତ ବଜେଟ୍ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଠାରୁ ପାକିସ୍ତାନ ଦାବି କରୁଥିବା ସାମ୍ପ୍ରତିକ ବେଲ୍‌ଆଉଟ୍ ପ୍ୟାକେଜ୍‌ଠାରୁ ମଧ୍ୟ ଅଧିକ ବୋଲି ଶ୍ରୀ ସିଂହ କହିଛନ୍ତି । ନିଜର ପ୍ରତ୍ୟୁତ୍ତରକୁ ଅଧିକ ଶାଣିତ କରିବାକୁ ଯାଇ ଶ୍ରୀମତୀ ସିଂହ କହିଛନ୍ତି ଯେଉଁ ଦେଶରେ ସରକାର ସେମାନଙ୍କର କାର୍ଯ୍ୟକାଳ କ୍ୱଚିତ ପୂରଣ କରନ୍ତି ସେମାନେ ଗଣତନ୍ତ୍ର ଉପରେ ପ୍ରଦାନ କରୁଥିବା ବକ୍ତବ୍ୟ ଗ୍ରହଣୀୟ ନୁହେଁ ।

## ମାଓ ଏନ୍‌କାଉଣ୍ଟର ଛତିଶଗଡ

ଛତିଶଗଡର ବିଜାପୁର ଜିଲ୍ଲାରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ସଂଘର୍ଷରେ ୨ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି । ଘଟଣାସ୍ଥଳରୁ ୩ଟି ବନ୍ଧୁକ,  ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି । ଏସ୍‌ପି ଡକ୍ଟର ଜିତେନ୍ଦ୍ର ଯାଦବ କହିଛନ୍ତି

ବିଜାପୁର ନିକଟ ଇନ୍ଦ୍ରାବଦୀ ନଦୀ ଉପକୂଳ ଅଞ୍ଚଳରେ ମାଓବାଦୀମାନେ ରହିଥିବା ସୂଚନା ମିଳିବା ପରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ଖାନ୍ତଲାସୀ ଅଭିଯାନ କରାଯାଇଥିଲା । ଅଭିଯାନବେଳେ ସୁରକ୍ଷାକର୍ମୀଙ୍କ ଉପରୁ ମାଓବାଦୀମାନେ ଆକ୍ରମଣ କରିଥିଲେ ।

## ଆର୍‌ବିଆଇ-ଫୁଡ୍ ସବ୍‌ସିଡ୍

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-CBDC ଖାଦ୍ୟ ସବ୍‌ସିଡ୍ ବଣ୍ଟନ ପାଇଲଟ୍ ପ୍ରକଳ୍ପ ଶୁଭାରମ୍ଭ ହୋଇଛି । ପୁଡୁଚେରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଉପରାଜ୍ୟପାଳ କେ.କୈଳାସନାଥନ ଏବଂ ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗାସ୍ୱାମୀ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ଡିଜିଟାଲ୍ ମୁଦ୍ରା ଟୋକନ୍ ବ୍ୟବସ୍ଥାରେ ଚିହ୍ନଟ ହିତାଧିକାରୀଙ୍କ ଡିଜିଟାଲ୍ ୱାଲେଟ୍‌ରେ ଖାଦ୍ୟ ସବ୍‌ସିଡ୍ ବାବଦ ଅର୍ଥ ପ୍ରଦାନ କରାଯିବ। କେବଳ ଅଧିକୃତ ବ୍ୟବସାୟୀ ଏବଂ ଉଚିତ ମୂଲ୍ୟ ଦୋକାନ ଆଧାରିତ ଅଧିକାରପ୍ରାପ୍ତ ଖାଦ୍ୟଶସ୍ୟ କ୍ରୟ ପାଇଁ ଏହି ଡିଜିଟାଲ ମୁଦ୍ରା ଟୋକନକୁ ବ୍ୟବହାର କରାଯାଇ ପାରିବ ବୋଲି ଆର୍‌ବିଆଇ କହିଛି ।

# କାନାଡା ପିଏମ୍ ଭିଜିଟ୍

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍‌ନେ ଆସନ୍ତାକାଲିଠାରୁ ଭାରତକୁ ସରକାରୀ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ କାର୍‌ନେଙ୍କର ଏହା ଭାରତକୁ ପ୍ରଥମ ସରକାରୀ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ କାର୍‌ନେ ଆସନ୍ତାକାଲି ମୁମ୍ବାଇରେ ପହଞ୍ଚିବେ । ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତ ଅବସରରେ ଶ୍ରୀ କାର୍‌ନେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମୁମ୍ବାଇଠାରେ ବିଭିନ୍ନ ବ୍ୟାବସାୟିକ କାର୍ଯ୍ୟକ୍ରମରେ ଶ୍ରୀ କାର୍‌ନେ ଅଂଶଗ୍ରହଣ କରିବା ସହ ମାର୍ଚ୍ଚ ପହିଲାରେ ନୂଆଦିଲ୍ଲୀରେ ପହଞ୍ଚିବେ । ଏହା ପରଦିନ ହାଇଦ୍ରାବାଦ ହାଉସ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶ୍ରୀ କାର୍‌ନେଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ହେବ । ଉଭୟ ନେତା ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାର ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତିର ସମୀକ୍ଷା କରିବେ । ବିଭିନ୍ନ ଆଞ୍ଚଳିକ ତଥା ସ୍ୱାସ୍ଥ୍ୟସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବ । ଉଭୟ ପ୍ରଧାନମନ୍ତ୍ରୀ ଭାରତ-କାନାଡା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫୋରମରେ ଯୋଗଦେବେ ।

# କ୍ରିକେଟ୍-ଟି୨୦

ଆଇସିସି ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର ଏଇଟ୍ ପର୍ଯ୍ୟାୟର ଗ୍ରୁପ୍-ଏକର ଆଜିକାର ଏକ ମ୍ୟାଚ୍‌ରେ ଭାରତ ଜିମ୍ବାୱେକୁ ଭେଟିବ । ଏହି ମ୍ୟାଚ୍ ସଂଧ୍ୟା ୭ଟାରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ପର୍ଯ୍ୟାୟର ଅନ୍ୟଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଅପରାହ୍ଣ ୩ଟାରେ ଆରମ୍ଭ ହେବ ।